SHREE JAGANNATHA TEMPLE ADMINISTRATION
Puri, Odisha


# ଶ୍ରୀମନ୍ଦିର ସମାଚାର

## SHREE JAGANNATH TEMPLE BULLETIN

ନଭେମ୍ବର - ୨୦୨୩ NOVEMBER-2023

## ଶ୍ରୀମନ୍ଦିରରେ ପବିତ୍ର କାର୍ତ୍ତିକ ମାସ ନୀତି ସମ୍ପନ୍ନ

ଚଳିତ ବର୍ଷ ଆଶ୍ୱିନ ଶୁକ୍ଳ ଏକାଦଶୀ ତା୨୫.୧୦.୨୦୨୩ରିଖ ଠାରୁ ଶ୍ରୀମନ୍ଦିରରେ ପାରମ୍ପରିକ ଭାବେ କାର୍ତ୍ତିକ ମାସର ବିଶେଷ ନୀତିମାନ ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟହ ଅବକାଶ ପରେ ରାଧା ଦାମୋଦର ବେଶ, ସକାଳ ଧୂପ ପରେ ବାଳଧୂପ ଏବଂ ପଞ୍ଚକରେ ପ୍ରତି ଦିବସରେ ଶ୍ରୀବିଗ୍ରହମାନଙ୍କର ଭିନ୍ନ ଭିନ୍ନ ବେଶ ହେଉଥିବାରୁ ଏବଂ ମାସ ସାରା ବହୁଳ ନୀତି ଯୋଗୁଁ ପ୍ରତି ବର୍ଷ ପରି ଚଳିତ ବର୍ଷ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ ପ୍ରସ୍ତୁତି ପୂର୍ବକ ଛତିଶା ନିଯୋଗ ବୈଠକରେ ଅନୁମୋଦିତ ହୋଇଥିଲା ।



ଚଳିତ ବର୍ଷ ପ୍ରାୟ ପ୍ରତ୍ୟହ ପୂର୍ବ ରାତ୍ର ଘ.୪.୫୦ମି. ମଧ୍ୟରେ ଦ୍ୱାରଫିଟା ଏବଂ ଦିବା ଘ.୧୧.୧୫ମି. ଭୋଗମଣ୍ଡପ ସରି ମହାପ୍ରସାଦ ବାହାରୁଥିଲା । ପ୍ରତିଦିନ ରାତ୍ର ପହୁଡ ମଧ୍ୟ ଶ୍ରୀବିଗ୍ରହମାନଙ୍କର ଅନୁଷ୍ଠିତ ହୋଇଥିଲା । ଶ୍ରୀମନ୍ଦିର ପ୍ରଶାସନ ଓ ସେବକମାନଙ୍କ ମଧ୍ୟରେ ସୁସମନ୍ୱୟ ଏବଂ ସେବକମାନଙ୍କର ନିଷ୍ଠାପର ସେବା ଓ ଐକାନ୍ତିକ ସହଯୋଗ ଯୋଗୁଁ ଏହି ନୀତିମାନ ସମୟୋଚିତ ଓ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ସମ୍ପର୍ଣ୍ଣ ହୋଇଥିଲା ।

କାର୍ତ୍ତିକ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁମାନଙ୍କର ଅତ୍ୟନ୍ତ ଭିଡ ସତ୍ତ୍ୱେ ନୀତି ଶୃଙ୍ଖଳିତ ହୋଇ ପାରିଥିଲା । କାର୍ତ୍ତିକ ପୂର୍ଣ୍ଣିମା ଦିନ ଅଧିକ ଭକ୍ତ ସମାଗମକୁ ଦୃଷ୍ଟିରେ ରଖାଯାଇ ପୂର୍ଣ୍ଣିମା ପୂର୍ବରାତ୍ରରେ ମହାପ୍ରଭୁଙ୍କ ପହୁଡ଼ ନୀତି ହୋଇନଥିଲା । ଘ.୫.୦୦ରେ ମଙ୍ଗଳ ଆଳତି ଓ ଅବକାଶ ଘ.୫.୪୫ମି.ରେ ଶେଷ ହେବାପରେ ଶ୍ରୀମହାପ୍ରଭୁମାନଙ୍କ ମହାର୍ଘ 'ରାଜାଧିରାଜ ବେଶ ବା ସୁନାବେଶ' ସକାଳ ଘ.୭.୩୦ମି. ସୁଦ୍ଧା ଶେଷ ହୋଇଥିଲା । ଗୋପାଳ ବଲ୍ଲଭ ଭୋଗ ସକାଳ ଘ.୮.୩୦ମି. ସକାଳ ଧୂପ ଘ.୧୦.୨୫ମି., ବାଳ ଧୂପ ଦିବା ଘ.୧୨.୧୦ମି.ରେ ଶେଷ ହେବା ପରେ ଦିବା ଘ.୨.୦୫ମି. ସୁଦ୍ଧା ଭୋଗମଣ୍ଡପ ଶେଷ ହୋଇ ମହାପ୍ରସାଦ ବାହାରିଥିଲା । ଦିବା ଘ.୩.୪୦ମି. ରେ ଶ୍ରୀବିଗ୍ରହମାନଙ୍କର ସୁନାବେଶ ଓଲାଗି ଆରମ୍ଭ ହୋଇଥିଲା । ଦୀର୍ଘ ସମୟ ଧରି ଲକ୍ଷ ଲକ୍ଷ ଦର୍ଶନାର୍ଥୀ ବ୍ୟାରିକେଡ୍ ମଧ୍ୟ ଦେଇ ଶୃଙ୍ଖଳାର ସହ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କର ସୁନାବେଶ ଦର୍ଶନ କରିବାର ସୌଭାଗ୍ୟ ଲାଭ କରିଥିଲେ । ଏହାପରେ ଯଥାରୀତି ଶ୍ରୀମନ୍ଦିରରେ ନୀତି ଆଗକୁ ବଢ଼ିଥିଲା । ପ୍ରଶାସନ ସହିତ ସୁସମନ୍ୱୟ ହିଁ ନୀତି ସଫଳତାର କାରଣ ହୋଇ ପାରିଛି । ପ୍ରଶାସକ (ନୀତି) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁ ମଧ୍ୟ ମାସ ସାରା ଅଧିକାଂଶ ସମୟ ଶ୍ରୀମନ୍ଦିରରେ ଉପସ୍ଥିତ ରହି ନୀତି ଶୃଙ୍ଖଳା ପାଇଁ ପ୍ରୟାସ ଜାରି ରଖିଥିଲେ ।

ଚଳିତ ବର୍ଷ କାର୍ତ୍ତିକ ମାସ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରତ୍ୟହ ଲକ୍ଷାଧିକ ଭକ୍ତଙ୍କ ସମାଗମ ସତ୍ତ୍ୱେ ଦର୍ଶନ ବ୍ୟବସ୍ଥା ଅତ୍ୟନ୍ତ ଶୃଙ୍ଖଳିତ ଥିଲା । ପୂର୍ଣ୍ଣିମା ଦିନ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଡା. କେ.ଭି.ସିଂ ନିଜେ ଉପସ୍ଥିତ ରହି ଦର୍ଶନ ବ୍ୟବସ୍ଥା ତଦାରଖ କରୁଥିଲେ । ପୁରୀ ଜିଲ୍ଲାପାଳ ତଥା ଶ୍ରୀମନ୍ଦିର ଉପ-ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ସମର୍ଥ ବର୍ମା ନୀତି ପରିଚାଳନାରେ ପୁରୋଭାଗରେ ରହିବା ସହ ସୁସମନ୍ୱିତ ଭାବେ ଦର୍ଶନ ବ୍ୟବସ୍ଥାକୁ ପରିଚାଳନା କରିଥିବାରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସ ସେମାନଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଶ୍ରୀକ୍ଷେତ୍ର ପୁରୀରେ ପ୍ରତିବର୍ଷ ପବିତ୍ର କାର୍ତ୍ତିକ ମାସରେ 'ରାଇ ଦାମୋଦର ବ୍ରତ' ପାଳନ କରିବା ନିମିତ୍ତ ଓଡ଼ିଶା ସରକାରଙ୍କ ଦ୍ୱାରା ହବିଷ୍ୟାଳୀ ମା'ମାନଙ୍କ ପାଇଁ ରହଣୀ, ଶ୍ରୀଜଗନ୍ନାଥ ଦର୍ଶନ ଏବଂ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥା ଜିଲ୍ଲା ପ୍ରଶାସନ, ପୁରୀଙ୍କ ସହାୟତାରେ କରାଯାଇଛି । ଶ୍ରୀମନ୍ଦିର ପ୍ରଶାସନ ତରଫରୁ ହବିଷ୍ୟାଳୀ ମା ମାନଙ୍କ ପାଇଁ ମହାପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

ସେବକମାନଙ୍କର ପ୍ରତିବଦ୍ଧତା, ନିଷ୍ଠା ଓ ଉତ୍ସର୍ଗୀକୃତ ମନୋଭାବ ଯୋଗୁଁ, ନୀତି ଶୃଙ୍ଖଳିତ ହୋଇ ପାରିଛି ବୋଲି ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସ ପ୍ରକାଶ କରିବା ସହ ସମସ୍ତ ସେବକ ନିଯୋଗ ଓ ପାଳିଆ ସେବକଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଅଛନ୍ତି । ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଅକ୍ଳାନ୍ତ ପରିଶ୍ରମ କରିଥିବାରୁ ମୁଖ୍ୟ ପ୍ରଶାସକ ମଧ୍ୟ ଧନ୍ୟବାଦ ଅର୍ପଣ କରିଅଛନ୍ତି ।

# ଶ୍ରୀମନ୍ଦିର ନୀତି ପରିକ୍ରମା

### ଶ୍ରୀମନ୍ଦିରରେ ରମା ଏକାଦଶୀ :

ତା ୯.୧୧.୨୩ ରିଖ ଗୁରୁବାର କାର୍ତ୍ତିକ କୃଷ୍ଣ ଏକାଦଶୀ ତିଥିରେ ସନ୍ଧ୍ୟା ଆଳତି ପରେ ରମା ଏକାଦଶୀ ନୀତି ପାଳିତ ହୋଇଥିଲା । ଏହି ନୀତି ସନ୍ଧ୍ୟା ଆଳତି ପରେ ଆରମ୍ଭ ହୋଇଥିଲା । ଏହି ନୀତି ପାଇଁ ସକାଳେ ଘଟୁଆରି ରୂପା ପିଙ୍ଗଣରେ ଚନ୍ଦନ, କର୍ପୂର ଓ କସ୍ତୁରୀ ଯୋଗାଇଥିଲେ । ରାଜା ସୁପରିଣ୍ଟେଣ୍ଡେଣ୍ଟଙ୍କ ତରଫରୁ ଆବଶ୍ୟକ ଘିଅ, ଚନ୍ଦ୍ର ଉଦିଆ ୧୨, କର୍ପୂର ଓ ବଳିତା ଆଳତି, ପୂଜା ଆଳତି ଦାନୀ, ରତ୍ନଭଣ୍ଡାରରୁ ଗଦିଫେଟା, ଘସା ବିଡ଼ିଆ ଓ ଦହିପଟି ଯୋଗାଇଥିଲା । ବିମାନ ଘରୁ ବିମାନ ଆସି, ଭଣ୍ଡାର ଘରୁ ରୂପା କଳସ ଆସେ । ଅଖଣ୍ଡ ମେକାପ ବଇଠା ଯୋଗାଇଥାନ୍ତି, ପାଳିଆ ଖୁଣ୍ଟିଆ ଶୁକ୍ଳ ଫୁଲ ଯୋଗାନ୍ତି । ଏହି ନୀତି କାର୍ଯ୍ୟ ୨୨ ଜଣ ସେବାୟତଙ୍କ ଦ୍ୱାରା ସମ୍ପନ୍ନ ହୋଇଥାଏ । ଯଥା- ଘଟୁଆରି, ପଣ୍ଡା, ପତିମହାପାତ୍ର, ମୁଦିରସ୍ତ, ପାଳିଆ ପଶୁପାଳକ, ବିମାନବଡୁ, ପାଳିଆ ପଢ଼ିଆରୀ, ଖଟଶେଯ ମେକାପ, ଆସ୍ଥାନ ପଢ଼ିଆରୀ, ସୁଦୁସୁଆର, ଚୂନରା, ପର୍ବଯାତ୍ରା ଯୋଗାଣିଆ, ଛତାର, ଘଣ୍ଟୁଆ, କାହାଳୀଆ, ଦୁହୁଡ଼ିଆ, ଭିତରଚ୍ଛ ମହାପାତ୍ର, ପାଳିଆ ମେକାପ, ଅମୁଣିଆ ଛତାର, ପାଳିଆ ଖୁଣ୍ଟିଆ, ପୂଜାପଣ୍ଡା, ଅଖଣ୍ଡ ମେକାପ । ଏକାଦଶୀରେ ମଧ୍ୟାହ୍ନ ଧୂପ ସରି ମୈଲମ ପରେ ଶାଢ଼ୀ, ଖଣ୍ଡୁଆ ଲାଗି ହୋଇ ସନ୍ଧ୍ୟା ଆଳତି ହେବା ପରେ ଠାକୁରମାନଙ୍କର ସର୍ବାଙ୍ଗ ଚନ୍ଦନ ଲାଗି ହୋଇଥିଲା । ଘଟୁଆରି ଘରୁ ରୂପା ପିଙ୍ଗଣରେ ଯୋଗାଇଥିବା ଚନ୍ଦନ, କର୍ପୂର, କସ୍ତୁରୀ, ଚୁଆ ଇତ୍ୟାଦି ଭଣ୍ଡାର ଦ୍ୱାରରେ ରହିଥାଏ । ପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଏହା ନିଅନ୍ତି । ସେମାନେ ସିଂହାସନରେ ଥିବା ତିନି ଜଣ ପାଳିଆ ପଶୁପାଳକ ଠାକୁରଙ୍କୁ ଚନ୍ଦନ ଲାଗି କରିଥିଲେ । ସର୍ବାଙ୍ଗ ପୂର୍ବରୁ ଦକ୍ଷିଣି ଘରୁ ମହାଜନେ ମଦନମୋହନଙ୍କୁ ଭିତରେ ବିଜେ କରାଇଥିଲେ । ଆଜ୍ଞାମାଳ ପାଇଲାପରେ ମହାଜନେ ମଦନମୋହନଙ୍କୁ ନେଇ ଝୁଲଣ ମଣ୍ଡପ ତଳେ ବିମାନବଡୁ ରଖିଥିବା ପାଲିଙ୍କିରେ ବିଜେ ହୋଇ ଛତାର, ଘଣ୍ଟୁଆ ଓ କାହାଳିଆ ସମେତ ଶ୍ରୀମନ୍ଦିର ବେଢ଼ା ବୁଲି ପାଲିଙ୍କି ମଙ୍ଗଳାଙ୍କ ଆଗରେ ରହିଥାଏ । ଏହାପରେ ମହାଜନେ ଠାକୁରଙ୍କୁ ଜୟବିଜୟ ଦ୍ୱାରକୁ ନେଲା ପରେ ପାଳିଆ ପଢ଼ିଆରୀ ଏହି ଦ୍ୱାର ବନ୍ଦ କରିଥିଲେ ଏବଂ ଖଟଶେଯ ମେକାପ ଆସନ ପକାଇ ଠାକୁରଙ୍କୁ ସେଠାରେ ବିଜେ କରାଇଥାନ୍ତି । ପୂଜାପଣ୍ଡା ଆସି କୋରା ଭୋଗ କଲାପରେ ଆଳତି, ବନ୍ଦାପନା ଓ ଭୋଗ, ନକ୍ଷେତ୍ର ବନ୍ଦାପନା ନୀତି ଅନୁସାରେ ହୋଇଥିଲା । ପଢ଼ିଆରୀ ଦୁଆର ଖୋଲିବା ପରେ ଠାକୁର ଦକ୍ଷିଣି ଘରକୁ ବିଜେ କରିଥିଲେ ।

ଏହାପରେ ସନ୍ଧ୍ୟା ଧୂପ ପରେ ମହାଦୀପ ଆଳତି ପାଇଁ ଗରୁଡ଼ ସେବକ ଚୂନରା ୩ଟା ରୂପା କଳସରେ ଘିଅ ଓ ପ୍ରତ୍ୟେକରେ କଦଳୀ ବାସୁଙ୍ଗାରେ ନୂଆକନାକୁ ନୂଆକନା ଗୁଳା ବଳିତା ଭଳି କରିଥାଏ । କଳସରେ ବାସୁଙ୍ଗା ବୁଡ଼ିଥାଏ । ମାତ୍ର ବଳିତା କାଠି ଉପରକୁ ଥାଏ । ଚୂନରା ତାହା ଧରି ରତ୍ନସିଂହାସନ ପାଖକୁ ଯାଇ ପତ୍ରି ହାତରେ ଦେଇଥାନ୍ତି । ପତ୍ରି ବଳିତା ଲଗାଇ ତିନି ବାଡ଼ରେ ତିନି ପଣ୍ଡାଙ୍କୁ ଦେଇଥିଲେ । ସେମାନେ ସଂସ୍କାର ପୂର୍ବକ ମହାଦୀପ ଆଳତି କରିଥାନ୍ତି ଓ ସିଂହାସନ ଚାରିପଟେ ବେଢ଼ା ବୁଲି ଜୟ ବିଜୟ ଦ୍ୱାରବାଟେ ଆସି ଗଣେଶଙ୍କ ରାସ୍ତା ଦେଇ ମହାଦୀପ କଳସରେ ଧରି ବିମଳାଙ୍କ ପର୍ଯ୍ୟନ୍ତ ଯାଇଥିଲେ । ବିମଳା ମନ୍ଦିର ସାମ୍ନାରେ ଚୂନରାଙ୍କୁ ୩ଟି କଳସ, ନୀଳଚକ୍ର ପାଇଁ ତୁଳସୀ, ଚନ୍ଦନ ଦେଇ ପଣ୍ଡାମାନେ ଚାଲିଯାନ୍ତି । ଏ ସମୟରେ ଘଟୁଆରି ଚୂନରାଙ୍କୁ ୧୨ଟା ଚନ୍ଦ୍ର ଉଦିଆ ଦେଇଥିଲେ । କଳସ ରଖି ଦେଇ ମହାଦୀପ, ଚନ୍ଦ୍ର ଉଦିଆ ଧରି ୩ ଜଣ ଚୂନରା ମନ୍ଦିର ଉପରକୁ ଉଠିବା ସହିତ ସଙ୍ଗରେ ନଡ଼ିଆ କତା ଲଗାଇ ନିଆଁ ଲଗାଇଥିଲେ । ଦଧି ନଉତି ତଳେ ଠିଆ ହୋଇ ତୁଳସୀ, ଚନ୍ଦନ ନୀଳଚକ୍ରଙ୍କୁ ଲାଗି କରି ଚାରିପଟେ ୩ ଘେରା ବୁଲି ଚନ୍ଦ୍ର ଉଦିଆ ପ୍ରତ୍ୟେକ ଦିଗରେ ୩ଟି ଲେଖାଁଏ ଜାଳନ୍ତି । ବୁଲିବା ସମୟରେ 'ମା ପ୍ରଭୁ ପୁରୀ ରାଜାଙ୍କୁ (ନାମଧରି) ଶଙ୍ଖେ ପୁରାଇ ଚନ୍ଦ୍ର ଆଡୁଆଳେ କରନ୍ତୁ' ବୋଲି ଓ ହରିବୋଲ ଡାକ ଦିଅନ୍ତି । ଏହି ମତେ ଏକାଦଶୀ ନୀତି ସମ୍ପର୍ଣ୍ଣ ହୋଇଥିଲା ।

### ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ହରି ଉତ୍ଥାପନ ଓ ଲକ୍ଷ୍ମୀନାରାୟଣ ବେଶ :

ତା ୨୩.୧୧.୨୩ ରିଖ ଗୁରୁବାର କାର୍ତ୍ତିକ ଶୁକ୍ଳ ଏକାଦଶୀ ତଥା ହରି ଉତ୍ଥାପନ (ବଡ଼) ଏକାଦଶୀ ନିମନ୍ତେ ସ୍ୱତନ୍ତ୍ର ନୀତିମାନ ଅନୁଷ୍ଠିତ ହୋଇଥିଲା । ପରମ୍ପରା ପ୍ରକାରେ ମଙ୍ଗଳ ଆଳତି, ଅବକାଶ ବଢ଼ିଲା ପରେ ମୈଲମ ହୋଇ 'ଲକ୍ଷ୍ମୀନାରାୟଣ ବେଶ' ଅନୁଷ୍ଠିତ ହୋଇଥିଲା । ବେଶ ବଢ଼ିଲା ପରେ ରୋଷହୋମ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ, ବାଳଧୂପ ଓ ଭୋଗମଣ୍ଡପ ସରିଲା ପରେ ମୈଲମ ହୋଇ ମହାସ୍ନାନ ହୋଇ



ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତଙ୍କ ଦ୍ୱାରା ଘଟୁଆରୀ ଘରୁ ଚନ୍ଦନ ଆସି ସର୍ବାଙ୍ଗ ଚନ୍ଦନ ଲାଗି ବଢ଼ି ମଧ୍ୟାହ୍ନ ଧୂପ ପୂଜା ବସିଥିଲା । ଭୋଗ ସରିଲା ପରେ ପାଣିପଡ଼ି ମୈଲମ ହୋଇ ଶାଢ଼ୀ ଖଣ୍ଡୁଆ ଲାଗି ପରେ ଝଡ଼ା ଆଳତି ହୋଇଥିଲେ । ଏହାପରେ ମେକାପ ଘରୁ ଚନ୍ଦନ ବିଜେ ହୋଇ ଚନ୍ଦନ ଲାଗି ହୋଇ ବେଶ ବଢ଼ିଥିଲା । ପାଣିପଡି ସଂଧ୍ୟା ଧୂପ ପୂଜା ବଢ଼ି ମହାଦୀପ ଆଳତି ହୋଇ ନୀଳଚକ୍ରକୁ ମହାଦୀପ ବିଜେ ହୋଇ, ଗଜପତି ମହାରାଜା ଶ୍ରୀଦିବ୍ୟସିଂହ ଦେବ ରାଜ୍ୟବାସୀଙ୍କ ମଙ୍ଗଳ କାମନା କରାଯାଇ 'ମହାଦୀପ' ରଖାଯାଇଥିଲା । ପରେ ମହାପ୍ରଭୁଙ୍କର ଉତ୍ଥାପନ ନୀତି ଆରମ୍ଭ ହୋଇଥିଲା । ଖଟ ଶେଯ ଘର ଉପର ଭାଗରେ ଥିବା ଘରକୁ ତଢ଼ଉ କରଣଙ୍କ ଉପସ୍ଥିତିରେ ଖୋଲାଯାଇ ମୁଦିରସ୍ତ ତିନି ବାକ୍ସ ଖୋଲିଥିଲେ । ପରେ ତିନି ଶୟନ ଠାକୁରଙ୍କର ମହାସ୍ନାନ, ସର୍ବାଙ୍ଗ ଚନ୍ଦନ ଲାଗି, ବେଶ, କର୍ପୂର ଲାଗି ପରେ ଉତ୍ଥାପନ ନୀତି ବଢ଼ିଥିଲା । ପୁଷ୍ପାଞ୍ଜଳୀ, ବନ୍ଦାପନା ପରେ ବାକ୍ସମାନଙ୍କୁ ଯଥାରୀତିରେ ରଖାଯାଇ ଉକ୍ତ ଘରର ଦୁଆରକୁ ମୁଦ ଦିଆଯାଇଥିଲା ।

### ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ବାଙ୍କଚୂଡ଼ ବେଶ ଓ ଗରୁଡ଼ ଉତ୍ଥାପନ :

ତା ୨୪.୧୧.୨୩ ରିଖ ଶୁକ୍ରବାର କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ତିଥିରେ ଗରୁଡ଼ଙ୍କ ଉତ୍ଥାପନ ନୀତି ବିଶେଷ ଭାବେ ଅନୁଷ୍ଠିତ ହୋଇଥିଲା । ଉକ୍ତ ଦିନ ମହାପ୍ରଭୁଙ୍କର ବାଙ୍କଚୂଡ଼ ବେଶ ପରେ ଅନ୍ୟାନ୍ୟ ନୀତିମାନ ହୋଇ ସକାଳ ଧୂପ, ବାଳଧୂପ, ଭୋଗମଣ୍ଡପ ପରେ ସାହାଣମେଳା, ମହାସ୍ନାନ, ବେଶବଢ଼ି ମଧ୍ୟାହ୍ନ ଧୂପ ହୋଇଥିଲା । ପରେ ସଂଧ୍ୟାଆଳତି, ସଂଧ୍ୟାଧୂପ ସରିଲା ପରେ ଜଗମୋହନରେ ଅବସ୍ଥିତ ଶ୍ରୀଗରୁଡ଼ଙ୍କ ନିକଟରେ ମହାସ୍ନାନ ପୂଜା ଠା' ହୋଇଥିଲା । ପୂର୍ବରୁ ଚୂନରା ସେବକ ଗରୁଡ଼ଙ୍କୁ ମୈଲମ କରିଥିଲେ । ପୂଜା ଠା' ପରେ ପୂଜାପଣ୍ଡା ଆସି ମହାସ୍ନାନ କଲାପରେ ଚୂନରା ସେବକ ଗରୁଡ଼ଙ୍କୁ ଦହି, ପଞ୍ଚାମୃତ, ଚୁଆ, ତେଲ ଦ୍ୱାରା ମାଜଣା କରି ନୂଆଲୁଗା ଲାଗି ସହିତ ମହାପ୍ରଭୁଙ୍କ ବାଡ଼ରୁ ଆସିଥିବା ମାଳଚୂଳ ପିନ୍ଧାଇ ବେଶ କରିଥିଲେ । ପରେ ପାଣିପଡି ଶୀତଳଭୋଗ କରି ପଞ୍ଚୋପଚାରରେ ସମାପନା ହୋଇ ଉତ୍ଥାପନ ନୀତି ନିମନ୍ତେ ପ୍ରସାଦ ଲାଗି, ବନ୍ଦାପନା ହୋଇଥିଲା । ଏହାପରେ ଦକ୍ଷିଣ ଘରୁ ମଦନମୋହନ ସିଂହାସନକୁ ବିଜେ ହେବା ପରେ ଆଜ୍ଞାମାଳ ପାଇ ଜଗମୋହନରେ ପଡ଼ିଥିବା ଖଟକୁ ବିଜେ ହୋଇ ଶରତ ରାହାସ ନିମନ୍ତେ ଶୀତଳ ଭୋଗ, ବନ୍ଦାପନା ହୋଇ ଘରକୁ ବାହୁଡା ବିଜେ କରିଥିଲେ ।

### ଶ୍ରୀମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ଓ ଶ୍ରୀବିଗ୍ରହମାନଙ୍କ ରାଜାଧିରାଜ (ସୁନା) ବେଶ :

ତା ୨୭.୧୧.୨୩ ରିଖ ସୋମବାର ଶ୍ରୀମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମଙ୍ଗଳ ଆଳତି ଓ ଅବକାଶ ନୀତି ଅନୁଷ୍ଠିତ ହେବା ପରେ ପାଳିଆ ପୁଷ୍ପାଳକମାନେ ଶ୍ରୀବିଗ୍ରହଙ୍କୁ 'ରାଜରାଜେଶ୍ୱର ବେଶ ବା ସୁନା ବେଶ'ରେ ସଜ୍ଜିତ କରିଥିଲେ । ଏହି ବେଶରେ ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳପୂଜା, ଗୋପାଳବଲ୍ଲଭ ଭୋଗ, ସକାଳ ଧୂପ, ବାଳ ଧୂପ, ଭୋଗମଣ୍ଡପ ଇତ୍ୟାଦି ନୀତି ଅନୁଷ୍ଠିତ ହୋଇଥିଲା । ଭୋଗ ମଣ୍ଡପ ସରିବା ପରେ 'ସୁନାବେଶ' ଓଲାଗି କରାଯାଇ ଅନ୍ୟାନ୍ୟ ନୀତିମାନ ଅନୁଷ୍ଠିତ ହୋଇଥିଲା ।

# ଯାତ୍ରା ଓ ଉତ୍ସବ

*ପୂର୍ବ ପ୍ରକାଶିତ ଉତ୍ତାରୁ ....*

**୬. ରାଧାକାନ୍ତ ମଠ :** ଏହା ବାଲି ସାହିରେ ଅବସ୍ଥିତ । ଏହିଠାରେ ହିଁ ଶ୍ରୀ ଚୈତନ୍ୟ ମହାପ୍ରଭୁ ତାଙ୍କ ଜୀବନର ଶେଷ ଅଠର ବର୍ଷ ରହିଥିଲେ । ଏଠାରେ ତାଙ୍କ ବ୍ୟବହୃତ କନ୍ଥା, କମଣ୍ଡଳୁ ଓ କଠାଉ ସୁରକ୍ଷିତ ଅଛି । ରାଧାକାନ୍ତ ଶ୍ରୀକୃଷ୍ଣ ଏଠାରେ ମୁଖ୍ୟ ରୂପରେ ପୂଜିତ ହୁଅନ୍ତି । ଏହାକୁ ଗୌର ଗଭୀରା, କାଶୀମିଶ୍ରାଳୟ ପ୍ରଭୃତି କୁହାଯାଏ ।

**୭. ଗଙ୍ଗାମାତା ମଠ :** ଏହା ଶ୍ୱେତଗଙ୍ଗା ନିକଟରେ ଗଙ୍ଗାମାତାଙ୍କ ଦ୍ୱାରା ସ୍ଥାପିତ ମଠ ଅଟେ । ଏଠାରେ ବୈଦାନ୍ତିକ ବାସୁଦେବ ସାର୍ବଭୌମ ଭଟ୍ଟାଚାର୍ଯ୍ୟ ବାସ କରୁଥିଲେ ।

**୮. ବଡ଼ଛତା ମଠ :** ଏହା ତୁଳସୀ ଦାସଙ୍କର ସମସାମୟିକ ମଠ ଅଟେ । ଶ୍ରୀମନ୍ଦିରରେ ମଙ୍ଗଳ ଆଳତି ଓ ପହୁଡ଼ ପ୍ରଭୃତିରେ କୀର୍ତ୍ତନ କରିବା ଓ ପଦ୍ମବେଶ କରାଇବା ଏହି ମଠର କାର୍ଯ୍ୟ ଅଟେ ।

**୯. ସିଦ୍ଧବକୁଳ ମଠ :** ଏଠାରେ ଯବନ ହରିଦାସ ସାଧନା କରୁଥିଲେ । ଏଠାରେ ସିଦ୍ଧବକୁଳ ନାମକ ଏକ ବକୁଳ ବୃକ୍ଷ ବିଦ୍ୟମାନ ।



**୧୦. ମହାପ୍ରଭୁଜୀକି ବୈଠକ :** ଏହା ବଡ଼ଦାଣ୍ଡରେ ଅବସ୍ଥିତ । ଏହା ବଲ୍ଲଭ ସଂପ୍ରଦାୟର ପ୍ରସିଦ୍ଧ ବୈଠକ ଅଟେ ।

**୧୧. ରାଘବଦାସ ମଠ :** ଏହି ମଠଟି ରଘୁ ଅରକ୍ଷିତ ଗୋସ୍ୱାମୀଙ୍କ ଦ୍ୱାରା ସ୍ଥାପିତ ହୋଇଅଛି । ଏହି ମଠ ଶ୍ରୀମନ୍ଦିର ସହ ନାନା ଭାବରେ ସମ୍ପୃକ୍ତ ଅଟେ ।

**୧୨. ମଙ୍ଗୁ ମଠ :** ଏହା ସିଂହଦ୍ୱାର ସାମନାରେ ଅବସ୍ଥିତ । ଏଠାରେ ଗୁରୁ ନାନକଙ୍କର ପୁତ୍ର ଶ୍ରୀଚନ୍ଦଜୀଙ୍କର ଆସନ ଅଛି । ଏହା ଉଦାସୀନ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ ଅଟେ ।

**୧୩. କବୀରଛତା ମଠ :** ଏହା ସ୍ୱର୍ଗଦ୍ୱାରରେ ଅବସ୍ଥିତ । ଏଠାରେ କବୀର ଝୁଲା ଅଛି ଓ ଏହା କବୀରଙ୍କ ଭଜନ ସାହେବ ଅଟେ ।

**୧୪. ମୁଲକଚଉରା ମଠ :** ଏଠାରେ ବିଦୁର ଅବସ୍ଥାନ କରିଥିବା କୁହାଯାଏ । ବିଦୁରଙ୍କ ଖୁଦକଣିକା ରୋଟି ଏଠାକାର ପବିତ୍ର ଦ୍ରବ୍ୟ ଅଟେ ।

**୧୫. ସାଲବେଗ ମଠ :** ଏହା ବଡ଼ଦାଣ୍ଡରେ ଅବସ୍ଥିତ । ଯବନ ଭକ୍ତ ସାଲବେଗ ଏଠାରେ ବାସ କରିଥିବା କଥିତ ହୁଏ ।

**୧୬. ଦଶାବତାର ମଠ :** ଶ୍ରୀଗୁଣ୍ଡିଚା ମନ୍ଦିର ସାମନାରେ ଥିବା ଏହି ମଠକୁ ଗୀତଗୋବିନ୍ଦକାର ଜୟଦେବ ଗୋସ୍ୱାମୀଙ୍କର ସାଧନସ୍ଥଳ କୁହାଯାଏ ।

**୧୭. ଶଙ୍କରାନନ୍ଦ ମଠ :** ଏହା ବାଲିସାହିରେ ଅବସ୍ଥିତ ଅଦ୍ୱୈତ ପନ୍ଥୀ ମଠ ଅଟେ । ଏଠାରେ ଭାଗବତ ଟୀକାକାର ଶ୍ରୀଧର ସ୍ୱାମୀ ବାସ କରୁଥିଲେ ।

**୧୮. ଗୋପାଳତୀର୍ଥ ମଠ :** ଏହି ମଠଟି ବାଲି ସାହିରେ ଅବସ୍ଥିତ । ଏହା କୌଣସି ଦଣ୍ଡୀ ଆଚାର୍ଯ୍ୟଙ୍କ ଦ୍ୱାରା ସ୍ଥାପିତ ଅଟେ ।

**୧୯. ବଡ଼ ଆଖଡ଼ା ମଠ :** ଏହା ପଞ୍ଚରାମାନନ୍ଦୀ ଦିମ୍ୱର ଆଖଡ଼ା ନାମରେ ପରିଚିତ । ଏହା ବ୍ୟତୀତ ନିର୍ମୋହୀ ଆଖଡ଼ା, ବାଘ ଆଖଡ଼ା, ଖାକି ଆଖଡ଼ା ନାମରେ ଆଖଡ଼ାମାନ ଅଛି ।

ଏହା ବ୍ୟତୀତ ମହୀପ୍ରକାଶ ମଠ (ହରଚଣ୍ଡୀ ସାହି), ସୁନା ଗୋସାଇଁ ମଠ (ଗୌଡ଼ବାଡ଼ ସାହି), ନରସିଂହ ଆଚାରୀ ମଠ (ବାଲି ସାହି ଖଜାପଟି), ଭେଙ୍କଟାଚାରୀ ମଠ (ବାଲି ସାହି), ସମାଧି ମଠ (ବାଲି ସାହି), ବଡ଼ ଝାଡୁ ମଠ (ବାଲି ସାହି), ସାନ ଝାଡୁ ମଠ (ବାଲି ସାହି), ଜୀଅରସ୍ୱାମୀ ମଠ (ବାଲି ସାହି), କୋଠଭୋଗ ମଠ (ଦୋଳମଣ୍ଡପ ସାହି), ନେବଳ ଦାସ ମଠ (ଦୋଳମଣ୍ଡପ ସାହି), ସିଦ୍ଧ ମଠ (ଦୋଳମଣ୍ଡପ ସାହି), ତୋଟାଗୋପୀନାଥ ମନ୍ଦିର (ଗୌଡ଼ବାଡ଼ ସାହି), ଲକ୍ଷ୍ମୀଭଦ୍ର ମଠ ବା ଲଙ୍ଗୁଳି ମଠ (ସିଂହଦ୍ୱାର), ଛାଉଣୀ ମଠ (ସିଂହଦ୍ୱାର), ପାପୁଡ଼ିଆ ମଠ (ବଡ଼ଦାଣ୍ଡ), ଉତ୍ତରପାର୍ଶ୍ୱ ମଠ (ଶ୍ରୀମନ୍ଦିରର ଉତ୍ତରଦ୍ୱାର ସମ୍ମୁଖରେ), ଦକ୍ଷିଣପାର୍ଶ୍ୱ ମଠ (ଶ୍ରୀମନ୍ଦିରର ଦକ୍ଷିଣଦ୍ୱାର ସମ୍ମୁଖରେ) କୌଶଲ୍ୟା ଦାସ ମଠ (ଦକ୍ଷିଣ ଦ୍ୱାର ନିକଟ), ନାଗା ମଠ (ହରଚଣ୍ଡୀ ସାହି), ପଞ୍ଜାବୀ ମଠ (ଦକ୍ଷିଣ ଦ୍ୱାର ନିକଟରେ), ଦିଲ୍ଲୀ ବାଳକ ରାମ ଦାସ ମଠ (ଶ୍ରୀଗୁଣ୍ଡିଚା ମନ୍ଦିର ପାଖରେ), କଳିତିଳକ ମଠ (ବାସେଳୀ ସାହି), ସାନଛତା ମଠ (ଦୋଳବେଦୀ ନିକଟରେ), ରାମଜୀ ମଠ (ମାର୍କଣ୍ଡେଶ୍ୱର ସାହି), ନନ୍ଦିନୀ ମଠ (ମାର୍କଣ୍ଡେଶ୍ୱର ସାହି), ବଡ଼ସନ୍ତ ମଠ (ମାର୍କଣ୍ଡେଶ୍ୱର ସାହି), ଘୁମୁସୁର ମଠ (କୁଣ୍ଡାଇବେଣ୍ଟ ସାହି), ପଣ୍ଡିତ ମଠ ବା ଚକ୍ରତୀର୍ଥ ମଠ (କୁଣ୍ଡାଇବେଣ୍ଟ ସାହି), ଝାଞ୍ଜପିଟା ମଠ (ଦୋଳମଣ୍ଡପ ସାହି), ବିଜୟକୃଷ୍ଣ ଗୋସ୍ୱାମୀ ଆଶ୍ରମ (ନରେନ୍ଦ୍ର ସରୋବର ଉପରେ), ସାତଲହଡ଼ି ମଠ (ସମୁଦ୍ରକୂଳ ନିକଟରେ), ସାତାସନ ମଠ (ସ୍ୱର୍ଗଦ୍ୱାର ଠାରେ) ପ୍ରଭୃତି ପୁରୀରେ ଛୋଟବଡ଼ ହୋଇ ଆହୁରି କେତେକ ମଠ ଦୃଶ୍ୟମାନ ହୁଏ ।

● (ସମାପ୍ତ)

## ଡିସେମ୍ବର ମାସର ବିଶିଷ୍ଟ ଦିବସ

| | |
|---|---|
| ତା. ୫.୧୨.୨୩ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ |
| ତା. ୯.୧୨.୨୩ ରିଖ ଶନିବାର | ଶ୍ରୀମନ୍ଦିରରେ ଉତ୍ପନ୍ନା ଏକାଦଶୀ |
| ତା. ୧୧.୧୨.୨୩ ରିଖ ସୋମବାର | ଶ୍ରୀମନ୍ଦିରରେ ଦେବ ଦୀପାବଳି ଆରମ୍ଭ |
| ତା. ୧୨.୧୨.୨୩ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ମଧ୍ୟ ଦୀପାବଳି |
| ତା. ୧୩.୧୨.୨୩ ରିଖ ବୁଧବାର | ଶ୍ରୀମନ୍ଦିରରେ ଶେଷ ଦୀପାବଳି |
| ତା. ୧୬.୧୨.୨୩ ରିଖ ଶନିବାର | ଶ୍ରୀମନ୍ଦିରରେ ଧନୁ ସଂକ୍ରାନ୍ତି, ପହିଲି ଭୋଗ ଆରମ୍ଭ |
| ତା. ୧୮.୧୨.୨୩ ରିଖ ସୋମବାର | ଶ୍ରୀମନ୍ଦିରରେ ପ୍ରାବରଣ ବା ଓଢ଼ଣ ଷଷ୍ଠୀ |
| ତା. ୨୩.୧୨.୨୩ ରିଖ ଶନିବାର | ଶ୍ରୀମନ୍ଦିରରେ ଗୋମତୀ ଏକାଦଶୀ |
| ତା. ୨୫.୧୨.୨୩ ରିଖ ସୋମବାର | ଶ୍ରୀମନ୍ଦିରରେ ପଣ୍ଡୁ ନୃସିଂହ ବିଜେ |

ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ । *ଶ୍ରୀମନ୍ଦିର ପ୍ରଶାସନ, ପୁରୀ*

# ଫଟୋରେ ଖବର...



ତା ୩.୧୧.୨୩ରେ ଜାମ୍ମୁ-କାଶ୍ମୀରର ଉପ-ରାଜ୍ୟପାଳ
ଶ୍ରୀଯୁକ୍ତ ମନୋଜ ସିହ୍ନା ଶ୍ରୀମନ୍ଦିର ଲୋ.ସଂ.ଅଧିକାରୀ
ଶ୍ରୀ ଜିତେନ୍ଦ୍ର ନାରାୟଣ ମହାନ୍ତିଙ୍କ ଗହଣରେ ଶ୍ରୀମନ୍ଦିରରୁ
ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଅଛନ୍ତି



ତା ୩.୧୧.୨୩ରେ ଶ୍ରୀନହର ଠାରେ ଗଜପତି ମହାରାଜା
ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଏବଂ ଶ୍ରୀମନ୍ଦିର
ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସଙ୍କ ଉପସ୍ଥିତରେ
ଆହୂତ 'ଶ୍ରୀମନ୍ଦିର ନୀତି ସବ୍-କମିଟି' ବୈଠକ



ତା ୩.୧୧.୨୩ରେ ଗଜପତି ମହାରାଜା ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବ,
ଜିଲ୍ଲାପାଳ ତଥା ଶ୍ରୀମନ୍ଦିର ଉପ-ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ସମର୍ଥ ବର୍ମାଙ୍କ
ଗହଣରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ତଦାରଖ କରୁଅଛନ୍ତି



ତା ୪.୧୧.୨୩ରେ ନୀଳାଦ୍ରି ଭକ୍ତନିବାସ ଠାରେ
ଗଜପତି ମହାରାଜା ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ
ଆହୂତ 'ଶ୍ରୀମନ୍ଦିର ପରିଚାଳନା କମିଟି' ବୈଠକ



ତା ୧୩.୧୧.୨୩ରେ ଓଡ଼ିଶାର ପୂର୍ବତନ ମନ୍ତ୍ରୀ
ଶ୍ରୀଯୁକ୍ତ ପ୍ରଫୁଲ୍ଲ ମଲ୍ଲିକ ସପରିବାର ଶ୍ରୀମନ୍ଦିର ଲୋ.ସଂ.ଅଧିକାରୀ
ଶ୍ରୀ ଜିତେନ୍ଦ୍ର ନାରାୟଣ ମହାନ୍ତିଙ୍କ ଗହଣରେ ଶ୍ରୀମନ୍ଦିରରୁ
ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଅଛନ୍ତି



ତା ୧୬.୧୧.୨୩ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ
ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସଙ୍କ
ଅଧ୍ୟକ୍ଷତାରେ ଆହୂତ 'ଶ୍ରୀମନ୍ଦିର ନାଟ ମଣ୍ଡପ, ଦିବ୍ୟାଙ୍ଗ ଦର୍ଶନ
ବ୍ୟବସ୍ଥା ସମ୍ପର୍କିତ ସ୍ୱତନ୍ତ୍ର' ବୈଠକ

# ଫଟୋରେ ଖବର...



ତା ୧୮.୧୧.୨୩ ରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ଶ୍ରୀମନ୍ଦିର ଓ.ଏସ୍.ଡି. ଶ୍ରୀଯୁକ୍ତ ଶୁଭ୍ରାଂଶୁ ଶେଖର ପାଢ଼ୀଙ୍କ ଗହଣରେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଅଛନ୍ତି



ତା ୨୦.୧୧.୨୩ ରେ ଶ୍ରୀମନ୍ଦିରରେ ବଡ଼ ଠାକୁର ପ୍ରଭୁ ଶ୍ରୀବଳଭଦ୍ରଙ୍କ ଅନୁଷ୍ଠିତ ହରିହର ବେଶ



ତା ୨୬.୧୧.୨୩ ରେ ଆସାମର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ହିମନ୍ତ ବିଶ୍ୱଶର୍ମା ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଅଛନ୍ତି



ତା ୨୭.୧୧.୨୩ ରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ପ୍ରକାଶିତ 'ଶ୍ରୀମନ୍ଦିର (କାର୍ତ୍ତିକ ସଂଖ୍ୟା-୨୦୨୩) ପତ୍ରିକା'କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସ ସିଂହଦ୍ୱାର ସମ୍ମୁଖରେ ପ୍ରଶାସନର ଅଧିକାରୀମାନଙ୍କ ଗହଣରେ ଲୋକାର୍ପଣ କରୁଅଛନ୍ତି




ତା ୨୭.୧୧.୨୩ ରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ପରିପ୍ରେକ୍ଷୀରେ ଶ୍ରଦ୍ଧାଳୁ ଭକ୍ତମାନେ ଆନନ୍ଦ-ଉଲ୍ଲାସ ସହ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଶ୍ରୀମନ୍ଦିରକୁ ପ୍ରବେଶ କରୁଅଛନ୍ତି



ତା ୩୦.୧୧.୨୩ ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସ, ପ୍ରଶାସନ ତରଫରୁ ପ୍ରକାଶିତ (ନୂତନ ସଂସ୍କରଣ) ତିନୋଟି ପୁସ୍ତକ- ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପଦ୍ଧତି, ଶ୍ରୀଜଗନ୍ନାଥ ଗୀତିକା ଏବଂ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ଓ ସେବାପୂଜା ପୁସ୍ତକକୁ ଅଧିକାରୀମାନଙ୍କ ଗହଣରେ ଲୋକାର୍ପଣ କରୁଅଛନ୍ତି

## (୧୭) ୧୮୭୯ ମସିହା ପୁରୀ ରଥଯାତ୍ରା
### (ଭାଗ-୧୪-ସଂଖ୍ୟା ୨୭ - ତା ୫ ରିଖ, ଜୁଲାଇ)

ପୁରୀର ରଥଯାତ୍ରା ଏକପ୍ରକାର ଶେଷ ହେବାର ବୋଲିବାକୁ ହେବ କାରଣ ଯାତ୍ରୀମାନେ ପ୍ରାୟ ସମସ୍ତେ ଚାଲି ଆସିଲେଣି ମାତ୍ର ମହାପ୍ରଭୁଙ୍କର ବାହୁଡ଼ାବିଜେ ହୋଇନାହିଁ । ଗୁଣ୍ଡିଚଯାତ୍ରା ବେଳେ ଠାକୁରମାନେ ଯଥା ସମୟରେ ଗୁଣ୍ଡିଚମନ୍ଦିରରେ ପ୍ରବେଶ ହେଲେ ଓ ଗତମାସ ତା୨୮ରିଖ ଶନିବାର ପର୍ଯ୍ୟନ୍ତ ଅନ୍ନଭୋଗ ହେଲା । ରବିବାରଦିନ ବାହୁଡ଼ାଯାତ୍ରା ହେଲା ମାତ୍ର ରଥମାନ ଲେଉଟା ହୋଇ ନଥିବାରୁ ଠାକୁରମାନେ ଯଥା ନିୟମରେ ଜଗମୋହନରେ ବନ୍ଧା ହୋଇ ରହିଲେ । ରଥ ଲେଉଟାଇବା ବିଷୟରେ କର୍ତ୍ତୃପକ୍ଷମାନେ ତ୍ରୁଟି ନ କରି ବାହୁଡ଼ାଦଶମୀ ପୂର୍ବ ଶୁକ୍ରବାରଠାରୁ ସେ କାର୍ଯ୍ୟ ଆରମ୍ଭ କରିଥିଲେ । ବାହୁଡ଼ାଦଶମୀ ଦିନ ପର୍ଯ୍ୟନ୍ତ ଶୁଭଦ୍ରା ଓ ବଳଦେବଙ୍କ ରଥ ଲେଉଟା ହୋଇ ମନ୍ଦିର ନିକଟକୁ ଆସିଥିଲା ମାତ୍ର ଚଳିତମାସ ତା୧ରିଖ ଠାରୁ ଅନବରତ ବୃଷ୍ଟି ହେବାରୁ ଜଗନ୍ନାଥଙ୍କ ରଥ ଫେରାହୋଇ ପାରିଲା ନାହିଁ ।


ଏଥର ଯାତ୍ରୀମାନେ ପୁରୀରେ କୁଶଳରେ ଥିଲେ । ଓଲାଉଠାରୋଗ ସାମାନ୍ୟରେ ଦେଖା ଯାଇଥିଲା ମାତ୍ର ବର୍ତ୍ତମାନ ସେଠାରେ ଜ୍ୱର ରୋଗର ଅତ୍ୟନ୍ତ ପ୍ରାଦୁର୍ଭାବ ହୋଇଅଛି । ପ୍ରାୟ ପ୍ରତ୍ୟେକ ଘରେ ଦୁଇ ଚରିଜଣ ଲେଖାଁଏ ପୀଡ଼ା ଭୋଗ କରୁଅଛନ୍ତି । ଭରସା କରୁଁ ଏ ରୋଗ ତେଡ଼େ ସାଂଘାତିକ ହେବ ନାହିଁ ।

## (୧୮) ୧୮୭୯ ମସିହା ପୁରୀ ରଥଯାତ୍ରା
### (ଭାଗ-୧୪-ସଂଖ୍ୟା ୨୮ - ତା ୧୨ ରିଖ, ଜୁଲାଇ)

ପୁରୀର ଠାକୁରମାନେ ଅବଧି ମନ୍ଦିରକୁ ଫେରି ଆସିବାର ସଂବାଦ ପାଇନାହୁଁ । ଗତ ମଙ୍ଗଳବାର ପର୍ଯ୍ୟନ୍ତ କେବଳ ବଳଦେବଙ୍କ ରଥ ମନ୍ଦିର ନିକଟରେ ପହୁଞ୍ଚିଥିଲା । ଦୁର୍ଘଟନା ନିବାରଣ ସକାଶେ ରଥମାନେ ଅତି ଧୀରେ ଧୀରେ ଗୋ୪ଟା ଦଉଡ଼ା ଦ୍ୱାରା ଟଣା ହେଉଥିଲେ ଏବଂ ବୃଷ୍ଟି ହେତୁରୁ ମଧ୍ୟ କେତେକ ବ୍ୟାଘାତ ହୋଇଅଛି । ଓଲାଉଠାରୋଗ ସାମାନ୍ୟ ରୂପେ ରହିଅଛି ଏବଂ ଜ୍ୱରର ପ୍ରତାପ ଅନେକ ଊଣା ପଡ଼ିଅଛି ।

## (୧୯) ୧୮୭୯ ମସିହା ପୁରୀ ରଥଯାତ୍ରା
### (ଭାଗ-୧୪-ସଂଖ୍ୟା ୩୦ - ତା ୨୬ ରିଖ, ଜୁଲଇ)

ପୁରୀର ଗତ ରଥଯାତ୍ରା ସଂକ୍ରାନ୍ତରେ ହିନ୍ଦୁପେଟ୍ରିଅଟ ବୋଲନ୍ତି ମୁସଲମାନ କନଷ୍ଟବଲମାନେ ଓ ପୁଲିସର ଅଶିଷ୍ଟ ସାହେବମାନେ ରଥକୁ ଛୁଇଁବାରେ ହିନ୍ଦୁମାନଙ୍କର ମନୋବେଦନା ଜାତ ହୋଇଅଛି ଓ ପ୍ରଧାନ କର୍ମଚାରୀ ଏହା କିପରି କରାଇଦେଲେ ଆଶ୍ଚର୍ଯ୍ୟର ବିଷୟ । ହିନ୍ଦୁଯାତ୍ରାର ଭାର କାହିଁକି ଦୁଇଜଣ



ନବ୍ୟଯୁବକ ଇଙ୍ଗରେଜଙ୍କ ହସ୍ତେ ଦିଆଗଲା ବୁଝାଯାଉନାହିଁ । ଆର୍ମଷ୍ଟ୍ରଂ ସାହେବ ନୂତନ ନୁହନ୍ତି ସେ ତାଙ୍କ ଚାକରୀର ଅର୍ଦ୍ଧସମୟ ପୁରୀରେ ଅତିବାହିତ କରିଅଛନ୍ତି । ଗତବର୍ଷ ସେ ଉତ୍ତମ ବନ୍ଦୋବସ୍ତ କରିଥିଲେ ଏ ବର୍ଷ କାହିଁକି ଏଡ଼େ ଅମନୋଯୋଗୀ ହେଲେ । ବର୍ତ୍ତମାନର କମିଶନର ରାବନସା ସାହେବ ସ୍ୱୟଂ ମହେଶ ରଥଯାତ୍ରାରେ ଉପସ୍ଥିତ ଥିଲେ ପୁରୀର ମେଜଷ୍ଟର ଘରେ ନିଶ୍ଚିନ୍ତ ବସିଲେ । ଦୁଇ ତିନିବର୍ଷ ପୂର୍ବେ ଏହି ମେଜଷ୍ଟରଙ୍କ ସମୟରେ ସିଂହଦ୍ୱାରରେ କେତେଜଣ ଯାତ୍ରୀ ମଡ଼ାଦଳାରେ ମରିଯାଇଥିଲେ ଏବର୍ଷ ରଥତଳେ ତିନିଜଣଙ୍କର ପ୍ରାଣ ଗଲା । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଯାତ୍ରା ହେତୁ ପୁରୀ ପ୍ରଧାନ ଅତଏବ ଯାତ୍ରା ସମୟରେ ମେଜଷ୍ଟରଙ୍କର ବିଶେଷ ରୂପେ ସାବଧାନ ହେବାର ଉଚିତ । ଯେଉଁ ମେଜଷ୍ଟର ଆପଣାର ଦାୟୀତ୍ୱ ଜାଣି ଏପରି ଘଟନାରେ କର୍ତ୍ତବ୍ୟ କର୍ମରେ ତ୍ରୁଟି କରନ୍ତି ସେ କର୍ମର ଉପଯୁକ୍ତ ନୁହନ୍ତି । ଆମ୍ଭେମାନେ ମଧ୍ୟ କହିଥିଲୁଁ ରଥ ତଳେ ମନୁଷ୍ୟ ପଡ଼ିବାର ଗୋଟିଏ କାରଣ ହାକିମମାନଙ୍କ ତରତରିଆପଣ ଅଟଇ । ଏତେ ତରତରରେ ରଥ ଟାଣିନେବାର କିଛି ଆବଶ୍ୟକ ନଥିଲା । ଏହେତୁ ହିନ୍ଦୁ ପେଟ୍ରିଅଟ କହନ୍ତି ଭାରପ୍ରାପ୍ତ କର୍ମଚାରିମାନେ ରଥଟଣା କାର୍ଯ୍ୟ ଶୀଘ୍ର ସାରି କ୍ଳେଶରୁ ପାର ପାଇବା ଉଦ୍ଦେଶ୍ୟରେ ଲୋକଙ୍କ ଧର୍ମ ଓ ଅଭିପ୍ରାୟ ପ୍ରତି ଆସ୍ଥାନ କରି ତରତରରେ କର୍ମ କରିଥିବାର ବୋଧ ହେଉଅଛି । ଉକ୍ତ ପତ୍ରିକା ରାମରାଓ ସବ୍ଇନ୍ସ୍ପେକ୍ଟରଙ୍କର ପ୍ରଶଂସା କରି ବୋଲନ୍ତି ଯେ ସେ ଭୟଙ୍କର ସମୟରେ ସାହସ ପ୍ରକାଶ କରି ନଥିଲେ ଆହୁରି କେତେଜଣଙ୍କର ପ୍ରାଣ ନାଶ ହୋଇଥାନ୍ତା ।



## ପୁସ୍ତକ-ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପଦ୍ଧତି

ପୂର୍ବ ପ୍ରକାଶିତ ଉତ୍ତାରୁ ....

### ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପୂଜାବିଧି :
ଓଁ ଶ୍ରୀଗଣେଶାୟ ନମଃ

### ଅବିଘ୍ନମସ୍ତୁ
''ମଙ୍ଗଳାଚରଣମ୍'

ନୀଳାଚଳନିବାସାୟ ନିତ୍ୟାୟ ପରମାତ୍ମନେ ।
ବଳଭଦ୍ରସୁଭଦ୍ରାଭ୍ୟାଂ ଜଗନ୍ନାଥାୟ ତେ ନମଃ ॥

ପଶ୍ଚିମେ ବରୁଣଃ ପାତୁ ବାୟବ୍ୟେ ବାୟୁଦେବତା ।
ଉତ୍ତରେ ଧନଦଃ ପାତୁ ଐଶାନ୍ୟାମୀଶ୍ୱରଃ ପ୍ରଭୁଃ ॥
ଊର୍ଦ୍ଧ୍ୱେ ପିତାମହଃ ପାତୁ ଅଧୋଽନନ୍ତୋ ବିଭୁଃ ସଦା ।
ଏବଂ ଦଶଦିଶୋ ରକ୍ଷାଂ କୁର୍ବନ୍ତୁ ଦେବତା ଗଣାଃ ॥

ପୁନଃ-

'ଅସ୍ତ୍ରାୟ ଫଟ୍' ଇତ୍ୟନେନ ତାଳତ୍ରୟଂ ଦତ୍ତ୍ୱା ଅଗ୍ନେଃ ପ୍ରାକାରଂ
ହୃଦୟମଧ୍ୟେ ଚିନ୍ତନାବସରେ 'ତ୍ରୈଲୋକ୍ୟଂ ରକ୍ଷ ରକ୍ଷ ହୂଂ
ଫଟ୍ ସ୍ୱାହା' ଇତ୍ୟନେନ ମନ୍ତ୍ରେଣ ପୂଜକଃ ସ୍ୱାତ୍ମାନଂ ତନ୍ମଧ୍ୟେ ରକ୍ଷତେ ।
ପୁନଃ ତଦ୍‌ଗତଭାବନାବସରେ ତ୍ରିଶୂଳେମୁଦ୍ରୟାଂ ''ରଂ''
ଇତି ପଠିତ୍ୱା ଅଗ୍ନିଂ ଜଳେନ ବେଷ୍ଟନଂ କୁର୍ଯ୍ୟାତ୍, ତତଃ ''ହଂସ''
ଇତି ପଠିତ୍ୱା ପରମାତ୍ମନା ସାକଂ ଜୀବାତ୍ମାନଂ ନିୟୋଜୟେତ୍ ॥

ଘଣ୍ଟାପୂଜା :

ଓଁ ଅସ୍ୟ ଶ୍ରୀଘଣ୍ଟମନ୍ତ୍ରସ୍ୟ, ଧୌମ୍ୟ ଋଷିଃ, ଗାୟତ୍ରୀଛନ୍ଦଃ,
ବ୍ରହ୍ମମୟଃ ଶବ୍ଦୋ ଦେବତା, ଘଣ୍ଟାୟାଃ ପୂଜନେ ବିନିଯୋଗଃ ।

ମନ୍ତ୍ରଃ :

''ଓଁ ଜଗନ୍ମଙ୍ଗଳନାଦାତ୍ମନେ ନମଃ'' ଇତ୍ୟନେନ ଗନ୍ଧପୁଷ୍ପାଭ୍ୟାଂ ସଂପୂଜ୍ୟ ଅନେନ ଚାଳୟେତ୍ ।

''ଓଁ ଗଜଧ୍ୱନିମନ୍ତ୍ରମାତଃ ସ୍ୱାହା''

ପ୍ରାର୍ଥନା :

ଓଁ ତାରସ୍ୱନାଂ ନାଦମୟୀଂ ଶବ୍ଦବ୍ରହ୍ମାଣି ଦୈବତାମ୍ ।
ଧ୍ୟାୟେ ଘଣ୍ଟାପଥଂ ଘଣ୍ଟାଂ ଦର୍ଶକଃ ବ୍ରହ୍ମବର୍ତ୍ମନଃ ॥

ଅଖଣ୍ଡଦୀପପୂଜା :

'ଓଁ ଅଗ୍ନିର୍ଜ୍ୟୋତିର୍ଜ୍ୟୋତିରଗ୍ନିଃ ସ୍ୱାହା,
ସୂର୍ଯ୍ୟୋ ଜ୍ୟୋତିର୍ଜ୍ୟୋତିଃ ସୂର୍ଯ୍ୟଃ ସ୍ୱାହା ।
ଅଗ୍ନିର୍ବର୍ଚ୍ଚୋ ଜ୍ୟୋତିର୍ବର୍ଚ୍ଚଃ ସୂର୍ଯ୍ୟୋ ବର୍ଚ୍ଚୋ ଜ୍ୟୋତିଃ ର୍ବଚ୍ଚଃ ସ୍ୱାହା ।'
ଜ୍ୟୋତିଃ ସୂର୍ଯ୍ୟଃ ସୂର୍ଯ୍ୟୋ ଜ୍ୟୋତିଃ ସ୍ୱାହା ।
ଗନ୍ଧପୁଷ୍ପାଭ୍ୟାଂ ସଂପୂଜ୍ୟ ପ୍ରାର୍ଥୟେତ୍ ।
'ଭୋ ଦୀପ ଦେବରୂପସ୍ତ୍ୱଂ କର୍ମସାକ୍ଷୀ ହ୍ୟବିଘ୍ନକୃତ୍ ।
ଯାବତ୍ କର୍ମସମାପ୍ତିଃ ସ୍ୟାତ୍ ତାବତ୍ତ୍ୱଂ ସୁସ୍ଥିରୋ ଭବ ॥'

(କ୍ରମଶଃ...)

ପୂର୍ବ ପ୍ରକାଶିତ ଉତ୍ତାରୁ ....

# ଶ୍ରୀମନ୍ଦିରରେ ବିଜେ ପ୍ରତିମା

## (୬) ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନ

ପରମପାବନ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ବିରାଜିତ ଶ୍ରୀଜଗନ୍ନାଥ ମହାପ୍ରଭୁ ସବୁ ଯୁଗର ଦେବତା । ସେ ସତ୍ୟଯୁଗର ଶ୍ରୀନୃସିଂହ ଓ ଶ୍ରୀବାମନ । ସେଥିପାଇଁ ବୈଶାଖ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ଶ୍ରୀନୃସିଂହଙ୍କ ଜନ୍ମବିଧି ଓ ଭାଦ୍ର ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ଶ୍ରୀବାମନ ଜନ୍ମନୀତି ଶ୍ରୀମନ୍ଦିରରେ ପାରମ୍ପରିକ ବିଧି ଅନୁଯାୟୀ ପରିପାଳିତ ହୋଇଥାଏ । ସେହିପରି ସେ ତ୍ରେତା ଯୁଗର ମର୍ଯ୍ୟାଦାପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ । ସେଥିପାଇଁ ଚୈତ୍ରମାସ ଶୁକ୍ଳପକ୍ଷ ନବମୀ ତିଥିରେ ଶ୍ରୀରାମ ଜନ୍ମବିଧି ଶ୍ରୀମନ୍ଦିରରେ ପାଳିତ ହୋଇଥାଏ । ସେ ମଧ୍ୟ ଦ୍ୱାପର ଯୁଗର ପ୍ରଭୁ ଶ୍ରୀକୃଷ୍ଣ । ସେଥିପାଇଁ ପ୍ରତିବର୍ଷ ଭାଦ୍ର ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମନୀତି ଅନୁଷ୍ଠିତ ହୋଇଥାଏ । ଏହି ପାବନ କ୍ଷେତ୍ର ହିଁ ସୃଷ୍ଟି, ସ୍ଥିତି ଓ ସଂହାରର ମୂଳାୟତନ । ଭଗବାନ ଏହି ସ୍ଥାନରେ ବିଭିନ୍ନ ରୂପରେ ଅବତୀର୍ଣ୍ଣ ହୋଇ ଲୀଳା ବିସ୍ତାର କରିବା ନିମନ୍ତେ ଅନ୍ୟତ୍ର ଯାଇଥାଆନ୍ତି । ଭୂମଣ୍ଡଳରେ ନିଜର ଅବତାରକୃତ୍ୟ ସମ୍ପାଦନ କରି ପୁନର୍ବାର ଏହି ସ୍ଥାନକୁ ଫେରିଆସି ନିବାସ କରିଥାଆନ୍ତି । ସ୍କନ୍ଦପୁରାଣରେ ଉଲ୍ଲେଖ ରହିଛି-



ମୂଳାୟତନମେତଦ୍ଧି ସୃଷ୍ଟିପାଳନସଂହୃତେଃ ।  
ଅତ୍ରାବତୀର୍ଯ୍ୟ ଭଗବାନ ପ୍ରୟାତ୍ୟନତ୍ର କାର୍ଯ୍ୟତଃ ।  
ନିଷ୍ପାଦ୍ୟ କୃତ୍ୟଂ ପୃଥ୍ୟା ହି ପୁନରତ୍ରୈବ ତିଷ୍ଠତି ॥

(ସ୍କ.ପୁ.୫୮।୧୨,୧୩)

ଶ୍ରୀମନ୍ଦିରରେ ତ୍ରେତାଯୁଗୀୟ ଲୀଳାକ୍ରମରେ ଶ୍ରୀରାମକୈନ୍ଦ୍ରିକ ଉତ୍ସବ ଓ ଶ୍ରୀହନୁମାନଙ୍କ ଜୟନ୍ତୀ ଆଦି ପାଳିତ ହୋଇଥାଏ । ଏହି ପର୍ବ ପାଳନ ଅବସରରେ ଶ୍ରୀଜଗନ୍ନାଥଙ୍କ ଠାରୁ ଆଜ୍ଞାମାଳ ପ୍ରାପ୍ତ ହୋଇ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ବିଜେ ପ୍ରତିମାମାନେ ନୀତି ସମ୍ପାଦନ କରିଥାଆନ୍ତି ।

ଶ୍ରୀମନ୍ଦିରରେ ଶ୍ରୀରାମ ଜନ୍ମୋତ୍ସବ : ଚୈତ୍ର ଶୁକ୍ଳ ନବମୀକୁ ଶ୍ରୀରାମନବମୀ କୁହାଯାଏ । ଏହା ମର୍ଯ୍ୟାଦାପୁରୁଷୋତ୍ତମ ଭଗବାନ ଶ୍ରୀରାମଚନ୍ଦ୍ରଙ୍କର ପୁଣ୍ୟ ପ୍ରକଟନ ଦିବସ । ତ୍ରେତା ଯୁଗରେ ପୁନର୍ବସୁ ନକ୍ଷତ୍ର ଯୁକ୍ତ ପବିତ୍ର ଚୈତ୍ର ମାସ ଶୁକ୍ଳପକ୍ଷ ନବମୀ ତିଥିରେ ଅଯୋଧ୍ୟା ନଗରୀରେ ମହାରାଜା ଦଶରଥଙ୍କର ପୁତ୍ର ରୂପରେ ମହାପ୍ରଭୁ ଶ୍ରୀରାମଚନ୍ଦ୍ର ଜନ୍ମ ଗ୍ରହଣ କରିଥିଲେ । ସନ୍ଥଶିରୋମଣି ଗୋସ୍ୱାମୀ ତୁଳସୀ ଦାସ ଶ୍ରୀରାମଚରିତମାନସରେ ଉଲ୍ଲେଖ କରିଛନ୍ତି-

ନୌମୀ ତିଥି ମଧୁମାସ ପୁନିତା । ଶୁକଲ ପଚ୍ଛ ଅଭିଜିତ ହରିପ୍ରୀତା ॥  
ମଧ୍ୟ ଦିବସ ଅତି ଶୀତ ନ ଘାମା । ପାଓ୍ୱନ କାଲ ଲୋକ ବିଶ୍ରାମା ॥

ସେହି ସ୍ମୃତିରେ ଚୈତ୍ର ମାସ ଶୁକ୍ଳପକ୍ଷ ନବମୀ ତିଥିରେ ଶ୍ରୀମନ୍ଦିରରେ ଶ୍ରୀରାମଙ୍କ ଜନ୍ମବିଧି ପାରମ୍ପରିକ ରୀତି ଅନୁଯାୟୀ ଅନୁଷ୍ଠିତ ହୋଇଥାଏ । ନବମୀ ତିଥିର ପୂର୍ବଦିନ ସନ୍ଧ୍ୟାଧୂପ ବଢ଼ିଲେ ଭିତରେ ପାଣି ପଡ଼ି ଧୋପଖାଳ ହୁଏ । ଭୋଗ ନିମନ୍ତେ ଥାଳି ପଡ଼ି ଟେରା ବନ୍ଧାଗଲେ ରୋଷକୁ ଭୋଗ ଡକାଯାଏ । ଏହି ଭୋଗ 'ଜେଉଡ଼ ଭୋଗ' ନାମରେ ଆଖ୍ୟାତ । ମହାପ୍ରଭୁଙ୍କ ନିକଟରେ ପଞ୍ଚୋପଚାର ବିଧିରେ ପୂଜା ଶେଷ ହେଲେ ତିନି ବାଡ଼ରେ ବନ୍ଦାପନା ବଢ଼େ । ଗର୍ଭୋଦକ ନିମନ୍ତେ ମହାପ୍ରଭୁଙ୍କ ବାଡ଼ରେ ଅଧିକ ବନ୍ଦାପନା ସରିଲେ ଅନ୍ୟାନ୍ୟ ନୀତିମାନ ଅନୁଷ୍ଠିତ ହୋଇଥାଏ ।

ନବମୀ ଦିନ ସକାଳ ଧୂପ ପରେ ମହାସ୍ନାନ ଓ ବେଶ ବଢ଼ି ଛେକ ଉଠିଲେ । (ଛେକ ବୂହା ଆରମ୍ଭ ହେଲେ) ଜୟ ବିଜୟ ଦ୍ୱାର ବନ୍ଦ ହୁଏ । ଭଣ୍ଡାର ଘର ଦ୍ୱାରର ସମ୍ମୁଖ ଭାଗ ପୋଛା ସରିଲେ ପୂଜାପଣ୍ଡା ପଞ୍ଚବର୍ଣ୍ଣ ମୁରୁଜରେ ଜନ୍ମ ମଣ୍ଡଳ କାଟନ୍ତି । ମଧ୍ୟାହ୍ନ ଧୂପ ବଢ଼ିବା ପରେ ଦକ୍ଷିଣି ଘର ଠାକୁରମାନଙ୍କର ଭୋଗ ସରିଲେ, ବିଜେ ପ୍ରତିମା ଶ୍ରୀରାମଙ୍କୁ ଭିତର ସିଂହାସନକୁ ବିଜେ କରାଯାଏ । ସେଠାରେ ମୁଦିରସ୍ତ ସେବକ ଧଣ୍ଡିପ୍ରସାଦ ଲାଗି କରି ପ୍ରସାଦ ଉଲାଗି କଲା ଉତ୍ତାରେ ପୂଜାପଣ୍ଡା ଶ୍ରୀରାମଦେବଙ୍କୁ ଆଜ୍ଞାମାଳ ଦେବା ପରେ ମହାଜନେ ମଣ୍ଡଳ ଉପରେ ବିଜେ କରାନ୍ତି । ସେଠାରେ ମହାଜନଙ୍କ ଭିତରୁ ଦୁଇଜଣ ଶ୍ରୀଦଶରଥ ଓ ମା' କୌଶଲ୍ୟା ରୂପରେ ଉପସ୍ଥିତ ରହି ଖଣ୍ଡୁଆ ଘୋଡ଼ାଇ ହୋଇ ଜନ୍ମବିଧି ପାଳନ କରନ୍ତି । ପୂଜାପଣ୍ଡା କର୍ପୂର ଆଳତି, ବନ୍ଦାପନା କଲା ପରେ ଗଣ୍ଡୁଷ ମସଲା, କ୍ଷୀର ମଣୋହି କରାନ୍ତି ଏବଂ ଜନ୍ମବିଧି ବଢ଼ାଇ ପଇତା ଲାଗି କଲା ପରେ ଶୀତଳ ଭୋଗ ମଣୋହି ଓ ଜୟବିଜୟ ଦ୍ୱାରଠାରେ ଚରୁଅନ୍ନ ମଣୋହି କରାଇବା ଉତ୍ତାରେ ଶ୍ରୀରାମଦେବ ଦକ୍ଷିଣି ଘରକୁ ବାହୁଡ଼ା ବିଜେ କରନ୍ତି । ଏହାପରେ ଠାକୁରମାନଙ୍କର ଦୈନନ୍ଦିନ ନୀତିମାନ ଅନୁଷ୍ଠିତ ହୋଇଥାଏ ।

ରାମନବମୀ ଦିନ ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମଙ୍କର ଜନ୍ମୋତ୍ସବ ପରେ ଏହି ଉତ୍ସବର ପରିସମାପ୍ତି ନହୋଇ ପରବର୍ତ୍ତୀ ଚୈତ୍ର ଶୁକ୍ଳ ଦଶମୀ, ଏକାଦଶୀ, ଦ୍ୱାଦଶୀ, ଚତୁର୍ଦ୍ଦଶୀ, ପୂର୍ଣ୍ଣିମା, ବୈଶାଖ କୃଷ୍ଣ ପ୍ରତିପଦା ଓ ଦ୍ୱିତୀୟା ତିଥିମାନଙ୍କରେ ଯଥାକ୍ରମେ ଯଜ୍ଞରକ୍ଷା, ସୀତାବିବାହ, ବନବାସ, ମାୟାମୃଗବଧ, ଲଙ୍କାପୋଡ଼ି, ସେତୁବନ୍ଧ ଓ ରାବଣବଧ ଉତ୍ସବ ପାଳିତ ହୋଇଥାଏ ।ଏଥିନିମନ୍ତେ ନିର୍ଦ୍ଦିଷ୍ଟ ବିଜେ ପ୍ରତିମାମାନେ ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ପାଇ ଉତ୍ସବରେ ଅଂଶ ଗ୍ରହଣ କରିଥାଆନ୍ତି । (କ୍ରମଶଃ..)

ଡକ୍ଟର ନରେଶ ଚନ୍ଦ୍ର ଦାଶ  
● ମହାସଚିବ, ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ

ଜାଣିବା କଥା ...

# ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିରରେ 'ଜଗମୋହନ'ର ଅବସ୍ଥିତି କ'ଣ ଗୁରୁତ୍ୱ ବହନ କରିଥାଏ ?

ଉ - ଶ୍ରୀମନ୍ଦିର ଗର୍ଭଗୃହ ସମ୍ମୁଖରେ ଦର୍ଶକମାନଙ୍କ ଦର୍ଶନାର୍ଥେ ନିର୍ମିତ ଏକ ଗୃହ । ଭିତରକାଠ ଅର୍ଗଳିଠାରୁ ଜୟବିଜୟ ଦ୍ୱାର ପର୍ଯ୍ୟନ୍ତ ଏହା ବିସ୍ତୃତ । ଏହିଠାରୁ ଯାତ୍ରୀମାନେ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କରନ୍ତି । ନାଟମଣ୍ଡପରେ ପହୁଡ଼ ଓ ଭୋଗମଣ୍ଡପ ସମୟ ବ୍ୟତୀତ ମଙ୍ଗଳ ଆଳତି ଓ ଶୟନ ଆଳତି ପୂର୍ବରୁ ମଠବାଡ଼ିମାନଙ୍କ ତରଫରୁ ଏଠାରେ ସଂକୀର୍ତ୍ତନ ହୁଏ । ଭକ୍ତମାନେ ଏହିଠାରେ ଠାକୁରଙ୍କୁ ସ୍ତବ, ସ୍ତୋତ୍ର, ଜଣାଣ କରିବା ସହିତ ମଙ୍ଗଳ ଆଳତି ସମୟରେ ଗୀତଗୋବିନ୍ଦ ଓ ଦଶାବତାର ଗାନ କରନ୍ତି । ଏହାର ଚାରିଗୋଟି ଦ୍ୱାର ଅଛି । ଯଥା- ପୂର୍ବଦ୍ୱାର, ଜୟବିଜୟ ଦ୍ୱାର, ପଶ୍ଚିମ ଦ୍ୱାର, କଳାହାଟ ଦ୍ୱାର, ଉତ୍ତର ଦ୍ୱାର ମହାପ୍ରଭୁଙ୍କ ରତ୍ନ ଭଣ୍ଡାରକୁ ରାସ୍ତା, ଦକ୍ଷିଣ ଦ୍ୱାର ମୁକ୍ତି ମଣ୍ଡପ ଆଡ଼କୁ ରାସ୍ତା ।

୨. ପ୍ର - ଶ୍ରୀକ୍ଷେତ୍ରର 'ଜନକପୁରୀ' କାହାକୁ କୁହାଯାଏ ?

ଉ - ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର । ଗୁଣ୍ଡିଚା ଘରକୁ ଜନକପୁରୀ (ଜନ୍ମସ୍ଥାନ) କୁହନ୍ତି । ଏଠାରେ ପ୍ରଥମେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା, ଏହି ତିନି ମୂର୍ତ୍ତି ନିର୍ମିତ ହୋଇଥିଲେ ।

୩. ପ୍ର - ଶ୍ରୀମନ୍ଦିର ପର୍ବ-ପର୍ବାଣୀରେ 'ଜନ୍ମାଷ୍ଟମୀ' କ'ଣ ଗୁରୁତ୍ୱ ବହନ କରିଥାଏ ?

ଉ - ଭାଦ୍ର କୃଷ୍ଣ ଅଷ୍ଟମୀ ଅର୍ଦ୍ଧରାତ୍ରି ସମୟରେ ଶ୍ରୀକୃଷ୍ଣଙ୍କର ଜନ୍ମୋତ୍ସବ ହିନ୍ଦୁ ଜଗତରେ ପାଳିତ ହୁଏ । ଶ୍ରୀମନ୍ଦିରରେ ଭାଦ୍ରବ କୃଷ୍ଣ ଅଷ୍ଟମୀ ଦିନ ଜନ୍ମାଷ୍ଟମୀ ପାଳନ କରାଯାଏ । ଏହି ଦିନ ଦୁଇଜଣ ସେବକ ଦେବକୀ ଓ ବସୁଦେବ ବେଶରେ ଲୁଗା ଘୋଡ଼ାଇ ହୋଇ ଶ୍ରୀକୃଷ୍ଣଙ୍କୁ ଜନ୍ମଦେବାର ପ୍ରତୀକାତ୍ମକ ଅଭିନୟ କରି ଏ ଉତ୍ସବକୁ ମହାସମାରୋହରେ ପାଳନ କରନ୍ତି ।

୪. ପ୍ର- ଶ୍ରୀମନ୍ଦିର ସେବକମାନଙ୍କ ମଧ୍ୟରେ 'ଜୟ ବିଜୟ ପ୍ରତିହାରୀ' କ'ଣ ଗୁରୁତ୍ୱ ବହନ କରିଥାଆନ୍ତି ?

ଉ- ଏମାନେ ପୁରୀ ଶ୍ରୀମନ୍ଦିରର ଗୋଚ୍ଛିକାର ସେବକ ବିଶେଷ । ଏମାନେ ଜୟବିଜୟ ଦ୍ୱାରଦେଶରେ ଠିଆ ହୋଇ ନୀତି ସମ୍ପାଦନାର ସୁରକ୍ଷା ଓ ଜଗିବା କାର୍ଯ୍ୟ କରନ୍ତି ।

● ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର

# ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାନ ବ୍ୟବସ୍ଥା

## (କ) ଦାନ ଯୋଜନା (Donation Schemes)

ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ପ୍ରଶାସନକୁ ଜଣେ ଦାତା ନିମ୍ନ ଦାନ ଯୋଜନାଗୁଡ଼ିକ ମଧ୍ୟରେ ଦାନ କରିପାରିବେ ।

### ୧. ସାଧାରଣ ଦାନ ଯୋଜନା (General Donation)

ଏହି ଯୋଜନାରେ ଜଣେ ଦାତା ଯେକୌଣସି ପରିମାଣର ଦାନ କରିପାରିବେ ।

### ୨. କର୍ପସ ଫଣ୍ଡ୍ ଦାନ ଯୋଜନା (Corpus Fund Donation Scheme)

ଏହି ଯୋଜନାରେ ଜଣେ ଦାତା ସର୍ବନିମ୍ନ ୧ ଲକ୍ଷ ଟଙ୍କାରୁ ଅଧିକ ଦାନ କରିପାରିବ । ଶ୍ରୀମନ୍ଦିର ପରିଚାଳନା ସମିତି ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ଯୋଜନା ରାଜ୍ୟ ସରକାରଙ୍କ ଅନୁମତିରେ ଚାଲିଛି । ଏହି ଯୋଜନାରେ ଦାତାଙ୍କୁ ଧ୍ୱଜା ବନ୍ଧନ, ଦୀପ, ମହାପ୍ରସାଦ ଭଳି କେତେକ ସ୍ୱତନ୍ତ୍ର ସୁବିଧା ସହିତ ଭକ୍ତ ନିବାସ ରହଣୀରେ ସୁବିଧା ମିଳିଥାଏ ।

### ୩. ମନ୍ଦିରର ମରାମତି କିମ୍ବା ନବୀକରଣ ସମ୍ପର୍କିତ ଦାନ (Donation for Repair or Renovation)

ଏହି ଯୋଜନାରେ ସର୍ବନିମ୍ନ ୫୦୦ ଟଙ୍କାରୁ ଅଧିକ ଦାନ କରିହେବ । କେବଳ ଏହି ଯୋଜନାରେ ଦାତାଙ୍କୁ ଆୟକର ନିୟମ ୧୯୬୧ର ଧାରା ୮୦-ଏ ଅନୁସାରେ ସୁବିଧା ମିଳିଥାଏ ।

## (ଖ) କେମିତି କରିହେବ ଦାନ (How to Donate)

ନିମ୍ନଲିଖିତ ଉପାୟରେ ଦାନ ଗ୍ରହଣ କରାଯାଉଛି । ସେଗୁଡ଼ିକ ହେଲା-

**୧. ଅନଲାଇନ୍ ଡୋନେସନ୍ (Online Donation)**

ଶ୍ରୀମନ୍ଦିର ପ୍ରଶାସନର ୱେବସାଇଟ୍ (www.shreejagannatha.in) ଜରିଆରେ ଦାନ କରିହେବ ।

୨. ସେହିପରି ଶ୍ରୀମନ୍ଦିର ପ୍ରଶାସନ ମୁଖ୍ୟ କାର୍ଯ୍ୟାଳୟସ୍ଥିତ ଦାନ ପ୍ରକୋଷ୍ଠ, ଶ୍ରୀମନ୍ଦିର ପରିସରରେ ଥିବା ଶାଖା କାର୍ଯ୍ୟାଳୟ, ସିଂହଦ୍ୱାର ସ୍ଥିତ ସୂଚନା କେନ୍ଦ୍ର, ଶ୍ରୀଗୁଣ୍ଡିଚା ମନ୍ଦିର ସୂଚନା କେନ୍ଦ୍ର, ପୁରୀ ରେଳଷ୍ଟେସନ୍ ସୂଚନା କେନ୍ଦ୍ର ଏବଂ ଭୁବନେଶ୍ୱର ଜୟଦେବ ଭବନ ପରିସରସ୍ଥିତ ସୂଚନା କେନ୍ଦ୍ରରେ ମଧ୍ୟ ଦାନ ଗ୍ରହଣ କରାଯାଉଛି ।

୩. ଏହା ସହିତ ଦାତାମାନେ ଡିଡି (DD) / ଚେକ୍ (Cheque)/ମନିଅର୍ଡ଼ର (Money Order) ମାଧ୍ୟମରେ ବି ଦାନ ପଠାଇପାରିବେ ।




(In Favour of Administrator, SJTA, Puri.)

**ଠିକଣା ହେଲା**


ପ୍ରଶାସକ, ଶ୍ରୀଜଗନ୍ନାଥ ମନ୍ଦିର, କାର୍ଯ୍ୟାଳୟ, ପୁରୀ
ପିନ୍-୭୫୨୦୦୧

(ଗ) ଅଧିକ ସୂଚନା ପାଇଁ ଯୋଗାଯୋଗ କରିପାରିବେ -

୧. ଦାନ ପ୍ରକୋଷ୍ଠ, ଶ୍ରୀମନ୍ଦିର କାର୍ଯ୍ୟାଳୟ-
(୦୬୭୫୨-୨୫୨୬୦୧)

୨. ସେହିପରି ଶ୍ରୀମନ୍ଦିର ପ୍ରଶାସନର ଇ-ମେଲ୍ ଜରିଆରେ ମଧ୍ୟ ସୂଚନା ପାଇହେବ । (jagannath.or@nic.in) ।

୩. ଦାତାମାନେ ଏହି QR Code scanner ଜରିଆରେ ମଧ୍ୟ ଦାନ କରିପାରିବେ ।




ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।


*Printed & Published by Shree Jagannatha Temple Administration, Puri, Ph. : 06752-222002, Fax - 252100*
*E-mail : jagannath.or@nic.in * Web Site : www.shreejagannatha.in Printed at : Rama Press, Near Amala Club, Puri*
*@Shree Jagannatha Temple, Puri @jagannathadhaam @JagannathaDhaam @SJTA_Puri*
*ମୂଲ୍ୟ : ଦୁଇଟଙ୍କା ମାତ୍ର*